ଅମ୍ବା ଉପାଖ୍ୟାନ
(ଅମ୍ବାଙ୍କ ନିମନ୍ତେ ଶାଲ୍ୱ ନୃପତି ବରଣ)
ବାବୁ ଅମ୍ବା କନ୍ୟାକୁ ଶାଲୁ ମାଗୁଥିଲା ପୂର୍ବେ
ମୁହିଂ ତାହାକୁ ନାସ୍ତି କଲି ମତ୍ତଗର୍ବେ । ୧ ।
ସୟମ୍ବର କରିଥିଲି ତାହା ଭୀଷ୍ମ ନାଶ କଲା
କାଳେ ଦୁହିତାକୁ ମୋର ପ୍ରଦାନ ନୋହିଲା । ୨ ।
ବାବୁ ଅଞ୍ଜନସେନ ନାମେ ଅଟଇ ତାର ମନ୍ତ୍ରୀ
ଶାଲୁର ତହିଂକି ତାକୁ ପଠିଆଇଲା ଭୂଅପତି । ୩ ।
ଶାଲୁକଇଂ ମାଳା ଦେଇ ବରିଆସ ଯା ବହନ କରି
ତାହାକଇ ପ୍ରଦାନ କରିବି ଯେ ମୋହୋର ଯୋଗେଶ୍ୱରୀ । ୪ ।
ରାଜାର ବଚନେ ଚଳିଲା ମନ୍ତ୍ରୀବର
ଶାଲୁର ଦେଶେଣ ଯେ ପ୍ରବେଶ ସତ୍ୱର । ୫ ।
ଶାଲୁକୁ ଜଣାଇଂ ଯାଇଂ କଲାକ ଦର୍ଶନ
କହିଲାକ ମନ୍ତ୍ରୀବର ସକଳ ବିଧାନ । ୬ ।
ତୁ ଯହୁଂ ଆଗହୁଂ କୁମାରୀକୁ ମାଗୁଥିଲୁ ରାୟେ
ପଦ୍ମନାଭ ନୃପତି ତୋତେ ଦେବ ଦୁହିତା ଗୋଟିୟେ । ୭ ।
ଶାଲୁ ବୋଇଲା ଯେ ଅମ୍ବେ କନ୍ୟାବାଳୀ
ସେହି ସେ ଅଟଇ ମୋର ମନର ହିଆଳି । ୮ ।
ମନ୍ତ୍ରୀ ବୋଇଲା ସେହି ସେ ହୋଅଇ ଯୁଗତେ
ଅମ୍ବାନାମେ କନ୍ୟାହିଂ ସେ ତୋତେ ଦେବଇଂ ଯଥାର୍ଥେ । ୯ ।
ଶୁଣିଣ ସାନନ୍ଦ ସେ ହୋଇଲା ମହୀପତି
ମାଳା ଦେଇଂ ବରିଲା ସେ ପଦ୍ମନାଭର ମନ୍ତ୍ରୀ । ୧୦ ।

ବୃଷ ଶୁକଳ ତ୍ରୟୋଦଶୀ ଶୁକ୍ରବାର horoscope
ଅନୁରାଧା ନକ୍ଷତ୍ର ହାଦେ ଭୋଗ ସେ ଦିନର । ୧୧ ।
ସମଦଣ୍ଡ ଘେନି ତୋହୋର ଯିବୁଟି ଦଣ୍ଡସାଇଂ
ଶାଲୁ ଅନେକ ଗଉରବ କଲା ହରଷ ହୋଇ । ୧୨ ।
ପଦ୍ମନାଭ ନୃପତି ଯେବେ ମୋତେ ଦେବଟି ଦୋହିତ
ୟେହାଉଂ ମୁହିଂ ଆନ କି ଲୋଡିବି ପୁଣ୍ୟ ଅର୍ଥ । ୧୩ ।
ବର ବରିଣ ଅଇଲା ସେ ପଦ୍ମନାଭ ମନ୍ତ୍ରୀ
ଅନେକ ଉତ୍ସବ ତହିଂ କଲେକ ନୃପତି । ୧୪ ।
----------
୩ ।୨ ଶାଲୁର ତହିଂକି ପେଷିଲାକ ତତତି ।
୧୩ ।୨ ୟେହାଉଂ ଆବର କିସ ହୋଇବ ପୁରୁଷାର୍ଥ । ୩-୨ ଭୂଅପତି-ଭୂପତି-ରାଜା

ଅମ୍ବା କନ୍ୟାର ନିମନ୍ତେ ରାୟେ ପଦ୍ମନାଭ
ପୁଣି ହିଂ ବିଭା ଯୋଗାଡ କଲାକ ସମ୍ଭର୍ବ । ୧୫ ।
ଇଷ୍ଟ କୁଟୁମ୍ବ ବନ୍ଧୁ ବାନ୍ଧବନ୍ତମାନ
ଅନେକ ଦେଶର ରାଜା କଲା ନିମନ୍ତ୍ରଣ । ୧୬ ।
ଅନେକ ରଥ ଘେନି ସେ ଶାଲୁ ଦଣ୍ଡଧାରୀ
ବିଭା ଯୋଗେଣ ରାଜା ଆସଇ ଥାଟ ଚାଳି । ୧୭ ।
ଚଉବିଂଶ ନଗ୍ରେ ଆସି ହୋଇଲା ପ୍ରବେଶ
ଶାଲୁକୁ ପଚାରିଲା ନୃପତି ମହୀଦାସ । ୧୮ ।
ଶାଲୁ ବୋଇଲା ମୋତେ ବରିଲା ପଦ୍ମନାଭ
ଅମ୍ବେ କନ୍ୟା ମୋତେ ଯେ ପ୍ରଦାନ କରିବ । ୧୯ ।
ମହୀଦାସ ବୋଇଲା କିଂପା ଅନମିତ୍ତେ ଅଇଲୁ

ତଗର ମୁଖେ କି ବାରତା ନ ପାଇଲୁ । ୨୦ ।
ଅମ୍ଭେ କନ୍ୟାକଇଂ ସୟଂବର କଲା
ଗଙ୍ଗାର ନନ୍ଦନ ଭୀଷ୍ମର ଯେ ସୟଂବର ଭାଜିଲା । ୨୧ ।
ଆମ୍ଭର ଥାଉଂ ଥାଉଂଣ ଯେ ମାଳା ଦେଇ ବରି
ଭୀଷ୍ମେ ହାଦେ ପ୍ରଦାନ କରିବ କୁମାରୀ । ୨୨ ।
ୟେସନକ ବାରତା ଯହୁଂ ପାଇଲା ବାଟରେ
ଶାଲୁ ବାହୁଡିଲା ଯେ ଭୀଷ୍ମଙ୍କର ଡରେ । ୨୩ ।
ନିଚୟେ ଯେବେ କନ୍ୟା ଭୀଷ୍ମଙ୍କୁ ବରିଲା
ଯୁଗତେ ସେ କନ୍ୟା ଗୁରୁପତ୍ନୀ ହେଲା । ୨୪ ।
ଶାଲୁ ବାହୁଡିଲା ଯେ ୟେସନେକ କଥା ଶୁଣି
ବାଟ ଚାହିଂ ସେ ଯେ ପଦ୍ମନାଭ ନୃପମଣି । ୨୫ ।
ଦିବସ ରାତ୍ର ଯେ ବେନି ଅନକୂଳ ସରିଲା
ରାତ୍ର ହିଂ ପାହିଲା ହୋ ଶାଲୁ ତ ନଇଲା । ୨୬ ।
--------
୧୮ ।୧ ଚଉଂରୀ ନଗ୍ରେ ଯାଇ ହୋଇଲେ ପରବେଶ ।
୨୬ ।୨ ଗୁରୁପତ୍ନୀ ବୋଲିକରି ସେହି ସେ ନଇଲା ।
ପଦ୍ମନାଭ ସ୍ଥାନରେ ପଦ୍ମଲାଭ ବୋଲି ମଧ୍ୟ ପାଠ ଅଛି ।

ତଗର ବାରତା କହିଲା ବେଗେ ଯାଇ
ଭୀଷ୍ମଙ୍କର ଡରେ ସେ ନଇଲା ଗୋସାଇଂ । ୨୭ ।
ପୁଣି ହିଂ ସେହି ଅନକୂଳ ନାଶ ଗଲା
ଯୁବା ବୟସ ଯେ ଅମ୍ବା କନ୍ୟାର ହୋଇଲା । ୨୮ ।
ତୃତୀୟେ ବରିଲା ସେ ନୃପତି ବୀରବାହୁ
ଭୀଷ୍ମଙ୍କର ବରଣ ଶୁଣି ନ ଅଇଲା ସେହୁ । ୨୯ ।
ଚତୁର୍ଥେଣ ମାନ-ଅରଜୁନକୁ ବରିଲା
ବରପୂର୍ବା ବୋଲି ସେ ବିଭା ହିଂ ନୋହିଲା । ୩୦ ।
ୟେମନ୍ତେ ଅନେକ ଦେଶ ରାଜା ବରିଲା ନୃପତି
ଭୀଷ୍ମଙ୍କର ଡରେ କେହି ନୋହିଲେ ତାର କତି । ୩୧ ।
ପଞ୍ଚଦଶ ବରଷ ହୋଇଲା କୁମାରୀ
ଯୁବା ବୟସ ଯହୁଂ ହୋଇଲା ମନୋହାରୀ । ୩୨ । ସଂଖ୍ୟା child marriage 15 years
ଯହୁଂ ପ୍ରଦାନ କେହି ନୁହନ୍ତା ହୋଇଲା
ଦୋହିତାକୁ ଘେନି ରାଜା ବାରୁଣାବନ୍ତେ ଗଲା । ୩୩ ।
ଭୀଷ୍ମଙ୍କର ସନ୍ନିଧ୍ୟେ ଯାଇଂ ମିଳିଲା ନୃପମଣି
ଛାମୁରେଣ ଉଭା ରାୟେ କଲାକ ଦୁଲଣୀ । ୩୪ ।
ବୋଇଲା ଭୋ ଗାଙ୍ଗେବ ୟେ ଆମ୍ଭର ଅଟଇ କୁମାରୀ
ନ ନାଶିଲୁ ନ ପୋଷିଲୁ ଛାଡିଲୁ ବରଣ କରି । ୩୫ ।
କେବଣ ଦ୍ରୋହ କଲା ତୋତେ ୟେ ମୋହୋର ଦୁଲଣୀ
ୟେବେହେଂ ସମ୍ଭାଳ ଅଇଲି ଛାମୁକୁ ତୋହୋର ଘେନି । ୩୬ ।
ଭୀଷ୍ମେ ବୋଇଲେ ମୁଂ ତୋହୋର ଦୁହିତାକୁ ବରିଲି
ତାହାକୁ ଉପେଖି କି ଆନକୁ ବିଭା ହେଲି । ୩୭ ।
ପିତା ମୋହୋର ନାଶ ଯିବ ମୋହୋର ପୁତ୍ର ହୋଇଲେ
ଦାରା ସଂଘରିଲି ମୁହିଂ ଶାୟେନ୍ତନୁଙ୍କର ବୋଲେ । ୩୮ ।
------
୩୦ ଗୁରୁପତ୍ନୀ ବୋଲି କରି ସେହି ସେ ନଇଲା
ଭୀଷ୍ମଙ୍କର କନ୍ୟା ବୋଲି ବିଭା ସେ ନୋହିଲା ।

୩୨ ।୨  ଯୁବା ବୟସ ସେ ଯଉବନ ଭାରି ।
୩୪  ଭୀଷ୍ମଙ୍କର ସନ୍ନିଧ୍ୟେ ସମର୍ପିଲା ନୃପମଣି
ଛାମୁରେ ଉଭା ଯେ ହୋଇଲା ଦୁଲଣୀ ।
ଗାଙ୍ଗେବ-ଗାଙ୍ଗେୟ-ୟ ସ୍ଥାନରେ ବ-ଗଙ୍ଗାଙ୍କ ପୁତ୍ର ଭୀଷ୍ମ ।

ଯାହାକଇ ପାରୁ ତୁ ପ୍ରଦାନ କର ବାଳୀ
ମୁହିଂ ଉପେକ୍ଷା କଲି ସତ୍ୟ ପ୍ରତିପାଳି । ୩୯ ।
ପଦ୍ମନାଭ ବୋଇଲେ ଭୋ ଭୀଷ୍ମ ଅନେକ ଦେଶରୁ ମୁଂ ବରିଲି ଦଣ୍ଡଧରେ
କେହି ପ୍ରଦାନ ନୋହିଲେ ତୋହୋର ଯେ ଡରେ । ୪୦ ।
ଶାୟେନ୍ତନୁ ପରାଶର ଭୁରିଶ୍ରବାନ୍ତ ବୋଲାଇ
ଜଣେ ଜଣେ ଗୁହାରି କରଇ ସେ ଦୋହିତାକୁ ଦେଖାଇ । ୪୧ ।
ଯଉବନବନ୍ତୀ ସେ ସୁସଞ୍ଚ କାମେନୀ
ଅମୂଲ୍ୟ ରୂପବନ୍ତୀ ଯେ ତୈଲୋକ୍ୟମୋହିନୀ । ୪୨ ।
ଅନେକ ବାଗେ ତିଆରିଲେ ପିତାମହ ଲୋକେ
କାହାରି ବୋଲ ଭୀଷ୍ମ ନ କଲେ ଦୃଢ ବାକ୍ୟେ । ୪୩ ।
ସତ୍ୟେଣ ସଂସାର ଅଛଇ ନା ପ୍ରବର୍ତ୍ତି
ସତ୍ୟ ମେଣ୍ଟିଲେ ପ୍ରାଣୀ ହୋଅନ୍ତି ନର୍କଗତି । ୪୪ ।
ମୁହିଂ ଯେ ବ୍ରତ କଲି ପିତାର ନିମନ୍ତେ
ତୁମ୍ଭେ କିଂପା ଧର୍ମ ମୋହୋର ଭାଞ୍ଜୁଛ ଅନମିତ୍ତେ ।୪୫ ।
ସବୁଙ୍କରି ବଚନ ଯହୁଂ ଧଂସିଲେ ଗାଙ୍ଗେବ
ଦେଖିଣ ବିରସ ଯେ ହୋଇଲେ ପଦ୍ମନାଭ । ୪୬ ।
ପଦ୍ମନାଭ ବୋଇଲା ଯେ ଦୁହିତାକୁ ରାଇ
ତୁ ଆବର ମୋର ପୁରେ କରିବୁ କିସ ଯାଇ । ୪୭ ।
ଭୀଷ୍ମଙ୍କୁ ସେବା ଗୋ କରିଥାଅ ଅନୁବ୍ରତେ
ପୋଷିଲେ ପୋଷୁ ଅବା ନାଶିଲେ ନାଶୁ ତୋତେ । ୪୮ ।
ସେବା କରୁଥିଲେ କରଇ ଅବା ଦୟା
ବିଚାରିଣ ଖଟି ଗୋ ଥାଅ ମହାମାୟା । ୪୯ ।
ଅମ୍ବା କନ୍ୟାକୁ ସେ ଛାଡିଣ ନରନାଥ
ଚଳିଲେ ନିଜ ରାଜ୍ୟେ ରାଜା ବିମୋହିତ ଚିତ୍ତ । ୫୦ ।
------------
୪୩ ।୧  ଅନେକ ବାଗେ ତିଆରିଲେ ପିତୃଲୋକେ (ପା)
୪୯  ସେବା କରୁଥିଲେ ଅବା କରଇ ସଦୟେ
ବିଚାରି ମନ ଜାଣି ଖଟିଥାଅ ମାୟେ । (ପା)
ଧଂସିଲେ-ଧ୍ୱଂସିଲେ ।

ରାଜାର ନନ୍ଦନୀ ଯେ ନବଯଉବନୀ
ଭୀଷ୍ମଙ୍କର ନବରେ ଖଟଇ ସେ ଦିବା ଯେ ରୟେଣୀ । ୫୧ ।
ଭୀଷ୍ମେ କୋପ କଲେ ଦେଖିଣ ସେ ନାରୀ
ବୋଇଲେ ୟେ ପାମେରୀ କି ନିଅ ବାଳ ଧରି । ୫୨ ।
କୋପେଣ ବାହାର କଲେ ପାତ୍ର ଅମନାତ୍ୟେ
ଦେଖିଣ ସୁନ୍ଦରୀ ଯେ ବିମୋହିତ ଚିତ୍ତେ । ୫୩ ।
ବୋଲଇ ସୁନ୍ଦରୀ ଶୁଣ ହୋ ଗାଙ୍ଗେବ
ମୋତେ ନାଶ କଲେ କିସ ଧର୍ମ ତ ହୋଇବ । ୫୪ ।
ୟେହା ଶୁଣି ବୋଇଲେ ଯେ ଶାୟେନ୍ତନୁର ଶିଷି
ତୋତେ ଦେଖିଲେ ମୁହିଂ ମନରେ ବଡ ତ୍ରାସୀ । ୫୫ ।

ବହୁତ ଭୟ ମୋତେ ଲାଗଇ ତୋତେ ଦେଖି
ପଳାଇଣ ଯାଅ ତୁ ମୋହୋର ରାଜ୍ୟକୁ ଉପେକ୍ଷି । ୫୬ ।
ଅମ୍ବାକନ୍ୟା ବୋଇଲା ଆର କାହିଂକି ମୁଂ ଯିବି
ମୋହୋରେଣ ଅବଶ୍ୟ ତୁ ହୋଇବୁ ପରାଭବି । ୫୭ ।
ଅମ୍ବା କନ୍ୟା ବୋଇଲା ମୁଂ ଯାଉଅଛି କିନା
ଯହିଂ ତହିଂ ମଲେ ମୁଂ ହତ୍ୟା ତୋତେ ସିନା । ୫୮ ।
ଅନେକ ଭର୍ତ୍ସନା ଯହୁଂ ବୋଇଲା ଭୀଷ୍ମଙ୍କର ଆଗେ
ତୋତେ ନାଶିବି ବୋଲି ମୁଂ ଝାସିବି ପ୍ରୟାଗେ । ୫୯-୭୦୫ ।

---------

୫୪ ।୨  ମୋତେ ନାଶ କଲେ ତୋତେ ଧର୍ମ କି ସହିବ ।

୫୪ ।୨  ମୋତେ ନାଶ କଲେ ତୋତେ କି ପୁରୁଷାର୍ଥ ହୋଇବ ।

୫୧ ।୨  ରୟେଣୀ-ରଜନୀ ।

୫୫ ।୧  ଶିଷ୍ୟରୁ ଶିଷି ।

*************